## “Bruksharopan Jan Abhiyan” - Plantation Drive by NIC, Odisha




the pioneer
BHUBANESWAR | THURSDAY | JULY 27, 2023

# Brukhya Daan: NIC holds plantation drive



PNS ■ BHUBANESWAR

The National Information Centre (NIC), Odisha, observed the 'Brukhya Daan' Divas here on Tuesday.

The NIC Employees Association for Recreation and Sports (NEARS) and Sri Sathya Sai Trust distributed saplings of various types of plants on the occasion.

Shri Satya Sai Trust, Odisha started a laudable and massive plantation drive in Odisha, 'Sai Prema Taru', to plant and maintain at least 10 lakh trees in Odisha by 2025, which was recently inaugurated by CM Naveen Patnaik. The NEARS has come forward to be a part of the mission.

Deputy Director General and SIO, NIC, Odisha Dr Ashok Kumar Hota distributed about 200 saplings among the employees of NIC. Senior Director (IT)Saroja Kumar Sahoo motivated the employees.

Bhubaneswar District Sai Prema Taru in-charge Digambar Achari, State Blood Donation in-charge Umesh Biswal, Orissa State Press Club general secretary Sanat Mishra and Organisation of United Working Journalists, Bhubaneswar unit president Kishore Chandra Mangaraj were present on the occasion.

NIC has directed all officers of district centres to take this drive at district level.

# ଏନ୍‌ଆଇସି ଓଡ଼ିଶା ଦ୍ୱାରା ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୬।୭ (ନି.ପ୍ର): ଏନ୍.ଆଇ.ସି ଏମ୍ପ୍ଲଇଜ୍ ଆସୋସିଏସନ୍ ଫର୍ ରିକ୍ରିଏସନ୍ ଆଣ୍ଡ ସ୍ପୋର୍ଟସ୍ (NEARS) ଓ ଶ୍ରୀ ସତ୍ୟ ସାଇ ଟ୍ରଷ୍ଟ, ଓଡ଼ିଶା ଆନୁକୂଲ୍ୟରେ ଏନ.ଆଇ.ସି, ଓଡ଼ିଶା କାର୍ଯ୍ୟାଳୟ ପରିସରରେ 'ବୃକ୍ଷଦାନ' ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ବୃକ୍ଷଚାରା ଯଥା: ଆମ୍ବ, ପଣସ, କଇଥ, କଦମ୍ବ, ପିଜୁଳି, ବଉଳ, ଦେବଦାରୁ, ଅଗସ୍ତି ଇତ୍ୟାଦି ଏନ୍.ଆଇ.ସି କର୍ମଚାରୀମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା ।

ସୂଚନାଯୋଗ୍ୟ ଯେ ଶ୍ରୀ ସତ୍ୟ ସାଇ ଟ୍ରଷ୍ଟ, ଓଡ଼ିଶା 'ସାଇପ୍ରେମ ତରୁ'ର ନାମରେ ଏକ ବିଶାଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ଏବଂ ଏହା ଦ୍ୱାରା ୨୦୨୫ ମସିହା ସୁଦ୍ଧା ଦଶ ଲକ୍ଷ ବୃକ୍ଷରୋପଣ ଓ ପ୍ରତିପୋଷଣ କରିବାର ଲକ୍ଷ୍ୟ ରଖାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିକଟରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଏହି ମହତ କାର୍ଯ୍ୟକ୍ରମ ଓ ଦେଶମାତୃକାରେ ସବୁଜିମା ଫେରେଇ ଆଣିବାର ପ୍ରୟାସରେ ସାମିଲ ହେବା ନିଶ୍ଚିତ ଭାବେ NEARS ଓ ଏନ୍.ଆଇ.ସିର କର୍ମଚାରୀମାନଙ୍କ ଲାଗି ଅତ୍ୟନ୍ତ ଗୌରବର ବିଷୟ ।

ଏହି ଅବସରରେ ଡ. ଅଶୋକ କୁମାର ହୋତା, ଡି.ଡି.ଜି ଏବଂ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀଙ୍କ କରକମଳରେ ୨୦୦ରୁ ଅଧିକ ଚାରା କର୍ମଚାରୀମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସରୋଜ କୁମାର ସାହୁ, ବରିଷ୍ଠ ନିର୍ଦ୍ଦେଶକ (ଆଇଟି) ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜିଲ୍ଲା 'ସାଇପ୍ରେମ ତରୁ' ଦାୟିତ୍ୱରେ ଥିବା ଦିଗମ୍ବର ଆଚାରି, ରାଜ୍ୟ ରକ୍ତଦାନ ଦାୟିତ୍ୱରେ ଥିବା ଉମେଶ ବିଶ୍ୱାଳ,ସନତ ମିଶ୍ର, ସାଧାରଣ ସଚିବ, ଓଡ଼ିଶା ରାଜ୍ୟ ପ୍ରେସ୍ କ୍ଲବ୍, ଭୁବନେଶ୍ୱର,କିଶୋର କୁମାର ମଙ୍ଗରାଜ, ସଭାପତି, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ଉପସ୍ଥିତ ଥିଲେ ଓ ଏନ୍.ଆଇ.ସିର କର୍ମଚାରୀମାନଙ୍କୁ ଏହି ଉତ୍ତମ କାର୍ଯ୍ୟ ସହିତ ଜଡ଼ିତ ହେବା ପାଇଁ ଉତ୍ସାହିତ କରିଥିଲେ । ପ୍ରକାଶଯୋଗ୍ୟ ଯେ ଜିଲ୍ଲାସ୍ତରରେ ଏହି ମହତ କାର୍ଯ୍ୟକୁ ଆଗେଇ ନେବା ପାଇଁ ଜିଲ୍ଲା କେନ୍ଦ୍ରର ସମସ୍ତ ଅଧିକାରୀଙ୍କୁ ଏନ୍.ଆଇ.ସି ନିର୍ଦ୍ଦେଶ ଦେଇଛି ।

# ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ ଚାରାରୋପଣ



ଭୁବନେଶ୍ୱର, ୨୫।୭ (ନି.ପ୍ର): ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରମୁଖ୍ୟକାର୍ଯ୍ୟାଳୟ ପରିସରରେ ଚାରାରୋପଣ ଭିତ୍ତିକ କର୍ମଶାଳା ଓ ଚାରାବଣ୍ଟନ କାର୍ଯ୍ୟକ୍ରମ ଏନ୍‌ଆଇସିର ଉପ ମହାନିର୍ଦ୍ଦେଶକ ଡ.ଅଶୋକ ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ଶିବିରରେ ସତ୍ୟସାଇ ସେବା ସଂଗଠନର ଜିଲା ଇନ୍‌ଚାର୍ଜଦିଗମ୍ବରଆଚାରୀ,ଉମେଶ ବିଶ୍ୱାଳଙ୍କ ସମେତ ଏନ୍‌ଆଇସିରବରିଷ୍ଠଅଧିକାରୀଉପସ୍ଥିତ ଥିଲେ। ଏହି ଅବସରରେ ୨୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଚାରା ବଣ୍ଟନ କରାଯାଇଥିଲା। ଜିଲାସ୍ତରରେ ଚାରାରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ଲାଗି ଏନଆଇସି ରାଜ୍ୟ ମହାନିର୍ଦ୍ଦେଶକ କହିଛନ୍ତି।

---

# ଏନ୍‌ଆଇସି କର୍ମଚାରୀ ସଂଘ ପକ୍ଷରୁ 'ବୃକ୍ଷଦାନ' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୧/୭(ଇମିସ): ଏନ୍‌ଆଇସି କର୍ମଚାରୀ ସଂଘ ପକ୍ଷରୁ ଶ୍ରୀସତ୍ୟସାଇ ଟ୍ରଷ୍ଟ ସହଭାଗିତାରେ ଏନ୍‌ଆଇସିର ଓଡ଼ିଶା ରାଜ୍ୟ କେନ୍ଦ୍ର ପରିସରରେ 'ବୃକ୍ଷଦାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରକାର ଚାରା ବଣ୍ଟନ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ଆଗାମୀ ୨୦୨୫ ସୁଦ୍ଧା 'ସାଇ ପ୍ରେମ ତରୁ' ନାମରେ ୧୦ଲକ୍ଷ ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ ଟ୍ରଷ୍ଟର ଏହି ବୃକ୍ଷରୋପଣ ଅଭିଯାନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏନ୍‌ଆଇସିର ଉପ ମହାନିର୍ଦ୍ଦେଶକ ଅଶୋକ ହୋତା କର୍ମଚାରୀମାନଙ୍କୁ ୨ଶହ ଚାରା ବଣ୍ଟନ କରିଥିଲେ। ସାଇ ପ୍ରେମ ତରୁ ଭୁବନେଶ୍ୱର ଜିଲ୍ଲା ଇନ୍‌ଚାର୍ଜ ଦିଗମ୍ବର ଆଚାର୍ଯ୍ୟ, ରାଜ୍ୟ ରକ୍ତଦାନ ଇନ୍‌ଚାର୍ଜ ଉମେଶ ବିଶ୍ୱାଳ, ଓଡ଼ିଶା ରାଜ୍ୟ ପ୍ରେସ୍ କ୍ଲବ୍‌ର ସାଧାରଣ ସମ୍ପାଦକ ସନତ ମିଶ୍ର, ଜାତୀୟ ସାମ୍ବାଦିକ କଲ୍ୟାଣ ସମିତିର ସଭାପତି କିଶୋର ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

